


# ୨୨

# ସାମ୍ପ୍ରଦାୟିକତା, ଜାତି ଓ ସଂରକ୍ଷଣ

ସାଧାରଣତଃ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୁଦୃଢ଼ତାର ପରିପ୍ରକାଶ ଓ ରାଜନୈତିକ କ୍ଷମତା ହାସଲ କରିବା ପାଇଁ ଲୋକମାନେ ବିଭିନ୍ନ ପ୍ରକାର ପନ୍ଥା ଗ୍ରହଣ କରିଥାନ୍ତି । ଭାରତ ପରି ଏକ ଦେଶରେ ରାଜନୀତିରେ ସାମ୍ପ୍ରଦାୟିକତା ଓ ଜାତିଆଣଭାବର ପ୍ରଭାବ ପରିଦୃଷ୍ଟ । ବିଭିନ୍ନ ଜାତି ଓ ଧର୍ମ ସହିତ ସଂଶ୍ଳିଷ୍ଟ ଗୋଷ୍ଠି ମାଧ୍ୟମରେ, ଆମ ଦେଶରେ ସାମାଜିକ ବିଭିନ୍ନତା ଓ ଅସାମଞ୍ଜସ୍ୟତାକୁ ବୁଝିହେବ । ସନ୍ଦେହ, ଅର୍ଥନୈତିକ ଦୂରବସ୍ଥା ଏବଂ ସାମାଜିକ ବାଛବିଚାର ଯୋଗୁ ସେମାନଙ୍କ ମଧ୍ୟରେ ବହୁତଦିନ ଧରି ଉତ୍ତେଜନା ରହିଆସିଛି । ଏହି ସବୁ ଉପାଦାନ ନେଇ ଖେଳିବ ଏବଂ ଗୋଟିଏ ଗୋଷ୍ଠୀକୁ ଆଉ ଏକ ଗୋଷ୍ଠୀ ବିରୁଦ୍ଧରେ ଉସୁକାଇବା, ସାମ୍ପ୍ରଦାୟିକତା ଓ ଜାତିଆଣଭାବ ରାଜନୀତିର ଅଂଶବିଶେଷ । ଏହିସବୁ, ନିର୍ବାଚନ ସମୟରେ କେବଳ ଗାଣତାନ୍ତ୍ରିକ ଧାରାକୁ ପ୍ରତିହତ କରିନଥାଏ, ଉତ୍ତମ ଶାସନ, ଅର୍ଥନୈତିକ ପ୍ରଗତି ଏବଂ ସାମାଜିକ ସୌହାର୍ଦ୍ଦ୍ୟ କ୍ଷେତ୍ରରେ ମଧ୍ୟ ଅନ୍ତରାୟ ସୃଷ୍ଟି କରିଥାଏ । ପଛୁଆ ଓ ଅବହେଳିତ ଶ୍ରେଣୀର ଲୋକମାନଙ୍କର ଉନ୍ନତି ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି ।

## ଉଦ୍ଦେଶ୍ୟ

ଏହି ବିଷୟଟି ପଢ଼ିଲା ପରେ ଜଣେ

- ସାମ୍ପ୍ରଦାୟିକବାଦର ଅର୍ଥ ବ୍ୟାଖ୍ୟା କରିପାରିବ
- ଭାରତ ରାଜନୀତିରେ ସାମ୍ପ୍ରଦାୟିକବାଦର ପ୍ରଭାବ ବର୍ଣ୍ଣନା କରିପାରିବ
- ସାମ୍ପ୍ରଦାୟିକ ହିଂସାକାଣ୍ଡର କାରଣ ବିଶ୍ଳେଷଣ କରିପାରିବ
- ଆମ ସମାଜରେ ଜାତିର ଭୂମିକା ବୁଝାଇ ପାରିବ
- ଭାରତୀୟ ନିର୍ବାଚନ ବ୍ୟବସ୍ଥାରେ ଜାତିଅଣାଭାବର ପ୍ରଭାବ ବର୍ଣ୍ଣନା କରିପାରିବ
- ସଂରକ୍ଷଣ ନୀତି ଓ ଏହାର ଉଦ୍ଦେଶ୍ୟ ବର୍ଣ୍ଣନା କରିପାରିବ
- ସମ୍ବିଧାନରେ ଥିବା ବିଭିନ୍ନ ସଂରକ୍ଷଣ ବ୍ୟବସ୍ଥା ବର୍ଣ୍ଣନା କରିପାରିବ
- ନାରୀମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାର ଗୁରୁତ୍ୱ ବୁଝିପାରିବ
- ନିର୍ବାଚନ ରାଜନୀତି ପରିପ୍ରେକ୍ଷୀରେ ସଂରକ୍ଷଣନୀତିକୁ ବିଶ୍ଳେଷଣ କରିପାରିବ ।

## ୨୨.୧ ସାମ୍ପ୍ରଦାୟିକତାବାଦର ଅର୍ଥ

ଭାରତ ଅନେକ ଧର୍ମ ଓ ବିଶ୍ୱାସର ଦେଶ । ଏଣୁ ଏଠାରେ ଅନେକ ସମୟରେ ଲୋକମାନଙ୍କ ମଧ୍ୟରେ ହିଂସା ଓ ବିଦ୍ୱେଷର ଉଦ୍ରେକ ହୋଇଥାଏ । ଯେଉଁମାନେ ସାମ୍ପ୍ରଦାୟିକ ହିଂସାକୁ ଉସୁକାଇଥାନ୍ତି ସେମାନେ ଧର୍ମକୁ ଏକ ନୈତିକ ଶୃଙ୍ଖଳା ଭାବରେ ଗ୍ରହଣ କରି ନ ଥାନ୍ତି । ବରଂ ନିଜର ରାଜନୈତିକ ଉଦ୍ଦେଶ୍ୟ

ଚରିତାର୍ଥ କରିବା ଲାଗି ଏହାକୁ ଏକ ଆୟୁଧ ଭାବରେ ବ୍ୟବହାର କରିଥାନ୍ତି । ପାରସ୍ପରିକ ଧାର୍ମିକ ବିଦ୍ୱେଷ ଉପରେ ପର୍ଯ୍ୟବସିତ ଥିବାରୁ ସାମ୍ପ୍ରଦାୟିକତାବାଦ ହିଂସା ସୃଷ୍ଟି କରିଥାଏ । ଏହା ଏକ ସାମ୍ପ୍ରଦାୟିକ ସଂଗଠନ ଓ ଏକ ଧାର୍ମିକ ସଂଗଠନ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଇଥାଏ । ସାମ୍ପ୍ରଦାୟିକତାବାଦର ନିମ୍ନଲିଖିତ ଲକ୍ଷଣ ଥାଏ —

୧। ଏହା ରକ୍ଷଣଶୀଳତା ଉପରେ ପର୍ଯ୍ୟବସିତ ।

୨। ଜଣେ ସାମ୍ପ୍ରଦାୟିକତାବାଦୀ ନିଜ ଧର୍ମକୁ ଅନ୍ୟ ଧର୍ମ ଅପେକ୍ଷା ଉଚ୍ଚତର ବୋଲି ବିଶ୍ୱାସ କରେ ।

୩। ଏହା ଅସହିଷ୍ଣୁତା ଉପରେ ପର୍ଯ୍ୟବସିତ ।

୪। ଏହା ଅନ୍ୟ ଧର୍ମ ବିରୁଦ୍ଧରେ ଅପପ୍ରଚାର କରିଥାଏ ।

୫। ଅନ୍ୟ ଧର୍ମ ଏବଂ ସେମାନଙ୍କର ମୂଲ୍ୟବୋଧର ମୂଳୋତ୍ପାଟନ ପାଇଁ ଚେଷ୍ଟିତ ଥାଏ ।

୬। ଏହା ଅନ୍ୟ ଲୋକମାନଙ୍କ ବିରୁଦ୍ଧରେ ହିଂସାତ୍ମକ ଆଚରଣ ଭଳି ଚରମପନ୍ଥୀ କାର୍ଯ୍ୟକଳାପରେ ଲିପ୍ତ ରହେ ।

## ୨୨.୨ ସାମ୍ପ୍ରଦାୟିକତାବାଦର ପ୍ରଭାବ

ଦୀର୍ଘଦିନ ଧରି ସାମ୍ପ୍ରଦାୟିକତାବାଦ ଆମ ସମାଜକୁ ବିଭକ୍ତ କରିଛି । ଏହା ରକ୍ଷଣଶୀଳ ନୀତିରେ ବିଶ୍ୱାସ କରେ । ଅନ୍ୟ ଧର୍ମ ଓ ଅନ୍ୟଧର୍ମୀୟ ଲୋକ ମାନଙ୍କୁ ଘୃଣା କରେ । ଐତିହାସିକ ବାସ୍ତବତାକୁ କଳୁଷିତ କରେ ଏବଂ ସାମ୍ପ୍ରଦାୟିକ ଦ୍ୱେଷ ସୃଷ୍ଟି କରେ ।

### ୨୨.୨.୧ ସାମ୍ପ୍ରଦାୟିକ ହିଂସା

୧୯୪୭ମସିହା ପୂର୍ବରୁ ବ୍ରିଟିଶ ଉପନିବେଶ ଶାସନର 'ବିଭକ୍ତ କରି ଶାସନ କର'ନୀତି ଅନେକ ସାମ୍ପ୍ରଦାୟିକ ବିଦ୍ରୋହର କାରଣ ଥିଲା । କିନ୍ତୁ ଦେଶ ବିଭାଜନ ପରେ, ଏହି ସମସ୍ୟା ପାଇଁ ଉଭୟ ସମ୍ପ୍ରଦାୟର କିଛି ବୁଦ୍ଧିଜୀବୀ ମାନଙ୍କୁ ଦାୟୀ କରାଯାଇପାରେ । ସ୍ୱାଧିନ ଭାରତରେ ସାମ୍ପ୍ରଦାୟିକ ସଂଘର୍ଷ ବିଭିନ୍ନ କାରଣରୁ ହୋଇଥାଏ । କିଛି ସାଧାରଣ କାରଣ ରହିଛି । ସେଗୁଡ଼ିକ ହେଲା – ପ୍ରଥମତଃଆମ ସମାଜର ଶ୍ରେଣୀ ବିଭାଜନ ଏବଂ ଆମର ପଛୁଆ ଅର୍ଥନୀତି ବିଷମ ଅର୍ଥନୈତିକ ପ୍ରଗତି ସୃଷ୍ଟି କଲା । ଅଳ୍ପ ବିକଶିତ ସମ୍ପ୍ରଦାୟର ଉଚ୍ଚବର୍ଗର ଲୋକମାନେ ସୀମିତ ପ୍ରଗତିର ଫଳ ଉପଭୋଗ କଲେ । ଏଣୁ ସେମାନେ ମଧ୍ୟ ରାଜନୈତିକ କ୍ଷମତାସମ୍ପନ୍ନ ହେଲେ । ସମ୍ପନ୍ନକ୍ରମେ ଏହି ବିଶିଷ୍ଟ ବର୍ଗର ବ୍ୟକ୍ତି ମାନଙ୍କ ମଧ୍ୟରୁ କିଛି ଅନ୍ୟ ସମ୍ପ୍ରଦାୟର ବିଶିଷ୍ଟ ବର୍ଗର ବ୍ୟକ୍ତିମାନଙ୍କ ସହିତ ଶତ୍ରୁତା ଆଚରଣ କଲେ । ଅନେକ ସମୟରେ ଏହି ନେତୃବୃନ୍ଦ ନିଜ ସମ୍ପଦାୟର ସାଧାରଣ ଲୋକମାନଙ୍କଠାରୁ ସମର୍ଥନ ପାଇବା ପାଇଁ ସାମ୍ପ୍ରଦାୟିକତା ଭାବକୁ ପ୍ରୋତ୍ସାହିତ କଲେ । ଏହିପରି ସମାଜରେ ପାରଂପାରିକ ବିଶ୍ୱାସକୁ ଆଧାର କରି ଏହି ଉଚ୍ଚବର୍ଗର ଲୋକମାନେ ଉପକୃତ ହେଲେ । ଯେଉଁ ସମୟରେ ସେମାନେ ନିଜକୁ ଅସୁରକ୍ଷିତ ମଣିଲେ 'ଧର୍ମ' ଉପରେ ନିର୍ଭର କଲେ ଏବଂ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଧାର୍ମିକଭାବନା ଓ ଆବେଗକୁ ଅଗ୍ନିସଂଯୋଗ କଲେ । ଏବଂ ଏହା ହିଂସା ଓ ସଂଘର୍ଷର କାରଣ ହେଲା ।

ସାମ୍ପ୍ରଦାୟିକ ଦଳଗୁଡ଼ିକ ଆକ୍ରମଣାତ୍ମକ ଭଙ୍ଗୀରେ ଧାର୍ମିକ ପ୍ରଚାର ଚଳାଇବା ଦ୍ୱାରା ଅନ୍ୟ ସଂପ୍ରଦାୟର ବ୍ୟକ୍ତିଙ୍କ ମଧ୍ୟରେ ଦ୍ୱେଷଭାବ ସୃଷ୍ଟି ହୋଇଥାଏ ଏବଂ ଏହା ଅନେକ ସମୟରେ ସାମ୍ପ୍ରଦାୟିକ ହିଂସାକୁ ବଢ଼ାଇଥାଏ । ଏଣୁ ଭାରତରେ ଯେଉଁ ରାଜନୈତିକ ଦଳମାନେ ସାମ୍ପ୍ରଦାୟିକ ମନୋଭାବ ପୋଷାହିତ କରିଥାନ୍ତି, ସେମାନେ ସାମ୍ପ୍ରଦାୟିକ ହିଂସାକାଣ୍ଡ ପାଇଁ ଅନେକାଂଶରେ ଦାୟୀ ।





ଏହି ସାଧାରଣ କାରଣ ବ୍ୟତୀତ, ଅନେକ ନିର୍ଦ୍ଦିଷ୍ଟ ସ୍ଥାନୀୟ କାରଣ ଯୋଗୁଁ ଭାରତରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିଥାଏ । ପ୍ରଥମତଃ ଚୋରାବେପାରୀ ଓ ଅପରାଧୀ ଗୋଷ୍ଠୀମାନଙ୍କ ପ୍ରଭାବ, ବିଭିନ୍ନ ସଂପ୍ରଦାୟର ବଣିକମାନଙ୍କ ମଧ୍ୟରେ ଥିବା ସ୍ଥାନୀୟ ଶତ୍ରୁତା ଏହି ପ୍ରକାର ସାମ୍ପ୍ରଦାୟିକ ହିଂସାର କାରଣ ହୋଇଥାଏ । ବଡ଼ ବଡ଼ ସହର ମାନଙ୍କର ଏହି ଚୋରାବେପାରୀ ଓ ଅପରାଧୀ ଗୋଷ୍ଠୀମାନଙ୍କ ଦ୍ୱାରା ସାମୟିକ ସାମ୍ପ୍ରଦାୟିକ ହିଂସା ସଂଘଟିତ ହୋଇଥାଏ । ୧୯୯୩ମସିହାରେ ବାବ୍ରୀ ମସ୍‌ଜିଦ୍ ଭାଙ୍ଗାଯିବା ପରବର୍ତ୍ତୀ ସମୟରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଏହାର ଏକ ଉଦାହରଣ । ଦ୍ୱିତୀୟତଃ ଯେଉଁ ସହରର ଏକ ସାମ୍ପ୍ରଦାୟିକ ଦଙ୍ଗାର ଇତିହାସ ଥାଏ ସେଠାରେ ମଧ୍ୟ ଏହି ସାମ୍ପ୍ରଦାୟିକ ଦଙ୍ଗା ହୋଇଥାଏ । ଆଲିଗଡ଼ ଏବଂ ହାଇଦ୍ରାବାଦ ଓ ଆଉ କିଛି ସହର ଏହାର ଉଦାହରଣ । ଅନେକ ଧାର୍ମିକ ସଂଖ୍ୟାଲଘୁ ସଂପ୍ରଦାୟର ସ୍ଥିତି ଏହି ସମ୍ପ୍ରଦାୟମାନଙ୍କର ଉଚ୍ଚବର୍ଗର ଲୋକମାନଙ୍କ ମଧ୍ରରେ ରାଜନୈତିକ ତିକ୍ତତା ସୃଷ୍ଟି କରିଥାଏ । ଏହି ବର୍ଗର ଲୋକମାନେ ସମର୍ଥନ ହାସଲ କରିବା ପାଇଁ ଅନେକ ସମୟରେ ନିଜର ସାମ୍ପ୍ରଦାୟିକ ପରିଚୟକୁ ସମ୍ମୁଖକୁ ଆଣିଥାନ୍ତି ।

ସାମ୍ପ୍ରଦାୟିକ ହିଂସାର କାରଣ ଯାହା ହେଉନା କାହିଁକି, ଏହା ଯେତେବେଳେ ଘଟେ ତତ୍‌କ୍ଷଣାତ୍ ସମଗ୍ର ଦେଶର ଧ୍ୟାନ ଆକର୍ଷଣ କରିଥାଏ । ଆମ ସମାଜରେ ଏବେ ମଧ୍ୟ ଜାତି ଓ ସଂପ୍ରଦାୟର ପରିଚୟତଳେ ଶ୍ରେଣୀ ପରିଚୟ ଲକ୍‌କାୟିତ ଭାବେ ଥାଏ । ଆର୍ଥିକ ସମସ୍ୟାର ଗୁରୁତ୍ୱ ବଢ଼ିବା ସହିତ, ଦେଶର ଶାସକ ଗୋଷ୍ଠୀ ଦାରିଦ୍ର୍ୟ, ବେକାରୀ ଏବଂ ମୂଲ୍ୟବୃଦ୍ଧି ଭଳି ଅର୍ଥନୈତିକ ସମସ୍ୟାଗୁଡ଼ିକୁ ଜାତିଗତ ଓ ସଂପ୍ରଦାୟିକ ସମସ୍ୟାର ରୂପ ଦେବାରେ ସମର୍ଥ ହୋଇଛନ୍ତି । ଲୋକମାନେ ଏସବୁ କୌଶଳରେ ପ୍ରଭାବିତ ହେବା ଉଚିତ୍ ନୁହେଁ । ସାମ୍ପ୍ରଦାୟିକ ହିଂସା ଭଳି ସମସ୍ୟାର ସଂପୂର୍ଣ୍ଣ ମୂଳୋତ୍ପାଟନ ପୂର୍ବରୁ ଦାରିଦ୍ର୍ୟ, ବେକାରୀ ଭଳି ଅର୍ଥନୈତିକ ସମସ୍ୟାର ସମାଧାନ ନିହାତି ଆବଶ୍ୟକ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୨.୧

୧। ନିମ୍ନରେ ପ୍ରଦତ୍ତ କେଉଁଟି ଭାରତୀୟ ସାମ୍ପ୍ରଦାୟିକବାଦର ବୃଦ୍ଧିର କାରଣ —

(କ) ବ୍ରିଟିଶଙ୍କର 'ବିଭକ୍ତ କର ଓ ଶାସନ କର' ନୀତି

(ଖ) ସ୍ୱାଧୀନତା ସଂଗ୍ରାମ

(ଗ) ଭାରତର ଧର୍ମନିରପେକ୍ଷ ଆଦର୍ଶ

୨। _________ ଓ _________ ସାମ୍ପ୍ରଦାୟିକତାବାଦର ମୁଖ୍ୟ ଲକ୍ଷଣ ।

୩। ରାଜନୈତିକ ଶ୍ରେଣୀ ଓ _________ ମଧ୍ୟର ସମ୍ବନ୍ଧ ଅନେକ ସମୟରେ ସାମ୍ପ୍ରଦାୟିକ ହିଂସାର କାରଣ ହୋଇଥାଏ ।

୪। ସାଧାରଣ ଜନତାଙ୍କର ଆର୍ଥିକ ସମସ୍ୟାର ସମାଧାନ ସମ୍ପ୍ରଦାୟିକତାବାଦ ଦ୍ୱାରା ହୋଇଥାଏ । (ଠିକ୍/ଭୁଲ୍)

## ୨୨.୩. ଭାରତୀୟ ସମାଜରେ 'ଜାତି'ର ଭୂମିକା

କୌଣସି ସମାଜର ରାଜନୈତିକ ଧାରା ତାହାର ପ୍ରକୃତି ଦ୍ୱାରା ପ୍ରଭାବିତ ହୋଇଥାଏ । ସମାଜର ପ୍ରକୃତି ବୁଝିବାକୁ ହେଲେ ତାହାର ସାମାଜିକ ସଂରଚନାକୁ ଅଧ୍ୟୟନ କରିବାକୁ ପଡ଼ିବ । ଭାରତୀୟ ସାମାଜିକ ସଂରଚନାକୁ ଭଲ ଭାବରେ ବୁଝିବାକୁ ହେଲେ ଏହାର ଜାତିପ୍ରଥାକୁ ବୁଝିବାକୁ ପଡ଼ିବ । ଏହି ଜାତି ବ୍ୟବସ୍ଥା ଏକ ସ୍ତରୀୟ (ସୋପାନ) ଢାଞ୍ଚାରେ ଗଠିତ । ସମୟାନୁକ୍ରମେ ଏହି ଜାତି ବ୍ୟବସ୍ଥା ସମାଜରେ ସାମାଜିକ ଓ ଆର୍ଥିକ

ଅସମତାକୁ ସୃଷ୍ଟି କରିଛି । ଯେଉଁ ବ୍ୟକ୍ତିମାନେ ନିମ୍ନ ଜାତିର ଅନ୍ତର୍ଭୁକ୍ତ କିମ୍ବା ଜାତିବ୍ୟବସ୍ଥାର ବାହାରେ ରହିଛନ୍ତି ସେମାନଙ୍କର ଅନେକ କ୍ଷତି ସାଧିତ ହେଉଅଛି । ସେମାନେ ଉଚ୍ଚଜାତିର ଲୋକମାନଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥିଲେ । ବିଶେଷ କରି ଦଳିତ ଲୋକମାନଙ୍କର ଅବସ୍ଥା ଅତି ଦୁଃଖଦାୟକ । ଅସ୍ପୃଶ୍ୟତା ଏହି ପ୍ରକାର ଅବସ୍ଥାର ପରିଚାୟକ ।

୧। ବର୍ଣ୍ଣ ବ୍ୟବସ୍ଥାରେ ଚାରୋଟି ବର୍ଣ୍ଣ ରହିଛି । ସେଗୁଡ଼ିକ ହେଲା - ବ୍ରାହ୍ମଣ (ପୁରୋହିତ ଓ ବିଦ୍ୱାନ ଗୋଷ୍ଠୀ), କ୍ଷତ୍ରୀୟ (ଯୋଦ୍ଧା ଏବଂ ଶାସକ ଗୋଷ୍ଠୀ), ବୈଶ୍ୟ (ବଣିକ, କୃଷକ ଓ କାରିଗର ଗୋଷ୍ଠୀ) ଏବଂ ଶୁଦ୍ର (ଯେଉଁମାନେ ନୀଚକର୍ମରେ ଜଡ଼ିତ) ।

ଏଠାରେ ଜାଣିବା ଦରକାର ଯେ ଏହି ବର୍ଣ୍ଣ-ବ୍ୟବସ୍ଥା ଜାତି-ପ୍ରଥାର ଏକ ନୀତିଗତ ବ୍ୟବସ୍ଥା ମାତ୍ର, ବାସ୍ତବତା ନୁହେଁ । ବାସ୍ତବିକ୍ କ୍ଷେତ୍ରରେ ଏହା ଚାରୋଟି ଜାତିରେ ସୀମିତ ନୁହେଁ ବରଂ ହଜାର ହଜାର ଜାତି ରହିଛନ୍ତି । ତଥାପି ଏହାସବୁ ଜାତିକୁ ବର୍ଣ୍ଣ ଭେଦରେ ବର୍ଗୀକରଣ କରାଯାଇପାରିବ ଏବଂ ଏହା ସାମାଜିକ ବର୍ଣ୍ଣାଳୀ (Spectrum) ରେ ଚରମ ସୀମାରେ ହିଁ ସମ୍ଭବ । ଅନ୍ୟ ଅର୍ଥରେ କହିବାକୁ ଗଲେ, ବର୍ଣ୍ଣ ବ୍ୟବସ୍ଥା ଏକ ସାମଗ୍ରିକ ବ୍ୟବସ୍ଥା ଯେଉଁଥିରେ ଯେକୌଣସି ଜାତିକୁ ସ୍ଥାନ ଦେଇ ହେବ ।


୨। ଜାତି ଏକ ସ୍ଥାନୀୟ ଗୋଷ୍ଠୀ ଏବଂ ଏହା ଏକ ନିର୍ଦ୍ଦିଷ୍ଟ କୌଳିକ ପେଶା ସହିତ ଜଡ଼ିତ । ଏକ ନିର୍ଦ୍ଦିଷ୍ଟ ଜାତିରେ ଜନ୍ମ ନେବା ଦ୍ୱାରା ଜଣେ ବ୍ୟକ୍ତି ଏହାର ସଦସ୍ୟ ହୋଇଥାଏ । ଏଣୁ ବାହାର ବ୍ୟକ୍ତିମାନେ ଯେଉଁମାନେ ଏହି ଜାତି ମଧ୍ୟରେ ଜନ୍ମ ନେଇ ନାହାନ୍ତି ସେମାନେ ଏହାର ସଦସ୍ୟ ହୋଇ ପାରିବେ ନାହିଁ । ଖାଦ୍ୟ ଓ ବିବାହ ବିଷୟରେ ନିର୍ଦ୍ଦିଷ୍ଟ ଜାତି ତା'ର ନିୟମାବଳୀ ପ୍ରସ୍ତୁତ କରିଥାଏ । ଏହାର ସଦସ୍ୟ ମାନଙ୍କର ଆଚାର ବ୍ୟବହାରକୁ ଏହା ନିରୂପଣ କରେ ଏବଂ ସେମାନଙ୍କୁ ନିୟନ୍ତ୍ରଣରେ ରଖେ । ଯେଉଁ ସଦସ୍ୟ ଏହର କର୍ତ୍ତୃତ୍ୱକୁ ବେଖାତିର କରେ ତାହାକୁ ବାସନ୍ଦ କରାଯାଇ ପାରିବ ।

ଆଧୁନିକ ଧାରଣା ଓ ଅନୁଷ୍ଠାନର ନୂତନ ପରିପ୍ରେକ୍ଷୀରେ, ଏକ ଗୋଷ୍ଠୀ ପରିଚୟ ଭାବରେ ଜାତି ମଜବୁତ ହୋଇ ଉଠିଛି । ଏହାର କାରଣ ହେଲା, ସ୍ୱାଧୀନତା ସଂଗ୍ରାମ ଏବଂ ଏହାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ଜାତି ଓ ଶ୍ରେଣୀକୁ ଭିତ୍ତି କରି ରାଜନୈତିକ ଜାଗରଣ ସୃଷ୍ଟି ହେଲା ।

ଊନ୍ନବିଂଶ ଶତାବ୍ଦୀର ସାମାଜିକ ଓ ଧାର୍ମିକ ଆନ୍ଦୋଳନ ନିମ୍ନ ଜାତିର ଲୋକମାନଙ୍କୁ ସେମାନଙ୍କର ଅନୁନ୍ନତ ଅବସ୍ଥା ଏବଂ ଶହ ଶହ ବର୍ଷ ଧରି ସେମାନେ ବଞ୍ଚିତ ଥିବା ଅଧିକାର ସମ୍ପର୍କରେ ସଚେତନ କରାଇଥିଲା । ଫଳତଃ, ସେମାନଙ୍କ ନୀଚ ଅବସ୍ଥା ଯେ ଦୈବୀ ପ୍ରଦତ୍ତ ଏହା ଗ୍ରହଣ କରିବା ପାଇଁ ସେମାନ ପ୍ରସ୍ତୁତ ନଥିଲେ । ଏହି ଅଭ୍ୟୁତ୍‌ଥାନର ପୃଷ୍ଠ ଭୂମିରେ ଶାସନ ପ୍ରଣାଳୀୟ ଗଣତାନ୍ତ୍ରିକ ନୀତିର ପ୍ରଣୟନ, ଦଳୀୟ ରାଜାନୀତିର ଜନ୍ମ ହୋଇଥିଲା । ତତ୍ ସହିତ ବ୍ରିଟିଶ ଶାସକମାନେ ନୀଚ ଏବଂ ଅସ୍ପୃଶ୍ୟ ଜାତିର ଲୋକ ଏବଂ ମୁସଲମାନମାନଙ୍କୁ ନିଜ ସପକ୍ଷରେ ପ୍ରବର୍ତ୍ତାଇ ସ୍ୱାଧୀନତା ଆନ୍ଦୋଳନକୁ ପ୍ରତିହତ କରିବାକୁ ଚାହିଁଥିଲେ । ଏହି ସମସ୍ତ ଘଟଣା ଜାତିର ରାଜନୀତିକରଣରେ ସହାୟକ ହୋଇଥିଲା ।

ଭାରତ ସ୍ୱାଧୀନତା ପାଇବା ସମୟରେ, ରାଜନୀତିକରଣ ପ୍ରକ୍ରିୟା ଯୋଗୁ ପଛୁଆ ଶ୍ରେଣୀ ଏକ ବଳବାନ ଶକ୍ତିରେ ପରିଣତ ହୋଇଥିଲେ । ସେମାନଙ୍କର ଦାବିକୁ ଅଣଦେଖା କରିବା ସମ୍ଭବ ନଥିଲା । ତତ୍ ସହିତ ଜାତୀୟ ନେତାମାନେ ପଛୁଆବର୍ଗର ଲୋକମାନଙ୍କର ଅବସ୍ଥାରେ ସୁଧାର ଆଣିବା ପାଇଁ ପ୍ରତିଜ୍ଞାବଦ୍ଧ ଥିଲେ ।

ଏସବୁକୁ ଦୃଷ୍ଟିରେ ରଖି ସମ୍ବିଧାନ ପ୍ରଣୟନକାରୀମାନେ ପଛୁଆ ଶ୍ରେଣୀର ଲୋକମାନଙ୍କୁ ସମାଜର ଅନ୍ୟମାନଙ୍କ ସହିତ ସମକକ୍ଷ କରିବା ପାଇଁ ନୂଆକରି ଗଢ଼ି ଉଠିଥିବା ରାଷ୍ଟ୍ରକୁ ଦାୟିତ୍ୱ ଦେଇଥିଲେ । ସେମାନେ



ଅନୁଭବ କରିଥିଲେ ଯେ ରାଷ୍ଟ୍ରର ଆସ୍ତିସୂଚକ ହସ୍ତକ୍ଷେପ ବିନା ସେମାନଙ୍କର ଐତିହାସିକ ଅନୁନ୍ନତତା ଦୂର ହୋଇପାରିବ ନାହିଁ । ଏହି ପରିପ୍ରେକ୍ଷୀୟ, ସଂରକ୍ଷଣ ନୀତି ସମୀକ୍ଷା କରାଯାଇ ପାରିବା, ପଛୁଆ ଶ୍ରେଣୀ ଅର୍ଥ ନୀତି ପ୍ରକାର ଲୋକଙ୍କୁ ବୁଝାଏ — ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପଛୁଆଶ୍ରେଣୀ (OBC) ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୨.୨

**ଶୂନ୍ୟସ୍ଥାନ ପୂରଣ କର ।**

୧। _________ ଭାରତୀୟ ସାମାଜିକ ସଂରଚନାର ମୂଳ ।

୨। 'ଜାତି' ବ୍ୟବସ୍ଥାରେ ଜାତିଗୁଡ଼ିକ_________ ଭାବରେ ଥାଆନ୍ତି ।

୩। 'ଜାତି' ବ୍ୟବସ୍ଥାକୁ _________ ବୋଲି କୁହାଯାଏ ଏବଂ ଏହା _________ ଶ୍ରମ ବିଭାଜନ ଉପରେ ପର୍ଯ୍ୟବସିତ ।

୪। ଜାତି ବ୍ୟବସ୍ଥାରେ ପେଶା ବାଛିବା _________ ନୁହେଁ ବରଂ ଏହା ଲୋକର _________ କୁ ଆଧାର କରି ନିର୍ଦ୍ଧାରିତ ହୋଇଥାଏ ।

## ୨୨.୪ ରାଜନୀତିରେ ଜାତି

ରାଜନୀତି କ୍ଷେତ୍ରରେ ଜାତିର ସଂପୃକ୍ତି ବଢ଼ିବା ସହିତ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଜାତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା । ଜାତି ଏକ ସହଜ ଓ ସରଳ ଭାବରେ ପରିଚିତ ସାମାଜିକ ଗୋଷ୍ଠୀ । ଏଣୁ ରାଜନୈତିକ ଦଳମାନେ ରାଜନୈତିକ ସମର୍ଥନ ଓ ଭୋଟ ପାଇଁ ଜାତିକୁ ବ୍ୟବହାର କରିଥାନ୍ତି । ରାଜନୈତିକ ଦଳମାନେ ନିଜର ନିର୍ବାଚନ ସମ୍ବନ୍ଧୀୟ ଉଦ୍ଦେଶ୍ୟ ସାଧାନ ପାଇଁ ଜାତିକୁ ନିୟୋଜିତ କରୁଥିବା ବେଳେ ଜାତିଗୁଡ଼ିକ ନିଜର ସୁବିଧା ହାସଲ ପାଇଁ ରାଜନୀତି କ୍ଷେତ୍ରକୁ ବ୍ୟବହାର କରିଥାନ୍ତି । ଏହିପରି ଜାତି ଓ ରାଜନୀତି ମଧ୍ୟରେ ଏକ ଦୁଇ ଦ୍ୱିପାକ୍ଷିକ ଯୋଗାଯୋଗ ସ୍ଥାପିତ ହୋଇଥାଏ ।

ଜାତି ରାଜନୀତିକରଣରେ ଜାତିମାନଙ୍କର ସଂଘର ଭୂମିକା ଉଲ୍ଲେଖନୀୟ । ଏହି ସଂଘ ଗୁଡ଼ିକ ଅର୍ଦ୍ଧ-ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭଳି । କାରଣ ସେହି ଜାତିର ଲେକାମାନେ କେବଳ ଏହାର ସଦସ୍ୟ ହୋଇପାରିବେ । ଏହି ସଂଘଗୁଡ଼ିକ ଅର୍ଥନୈତିକ ଓ ଶିକ୍ଷାଗତ ସୁବିଧା ପାଇଁ ଦାବି କରିବା ସହିତ, ସଂଘବଦ୍ଧ ଭାବରେ ରାଜନୈତିକ ଉଦ୍ଦେଶ୍ୟ ସହିତ ଉଚ୍ଚ ଜାତିର ପ୍ରଭାବ ବିରୁଦ୍ଧରେ ସଂଗ୍ରାମ କରିଥାନ୍ତି । ଉଭୟ କ୍ଷେତ୍ରରେ, ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ପାଇଁ ରାଜନୀତିରେ ଜଡ଼ିତ ହେବା ଆବଶ୍ୟକ । ଏବଂ ଏହି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ପାଇଁ ଏହି ସଂଘଗୁଡ଼ିକ ଗଠିତ । ଏହି ଜାତି ଭିତ୍ତିକ ସଂଘ ଗୁଡ଼ିକ ଥରେ ଗଠିତ ହେଲାପରେ କ୍ରମଶଃ ଅଣ-ଜାତି କାର୍ଯ୍ୟକଳାପରେ ଜଡ଼ିତ ରୁହନ୍ତି ।

ନିର୍ବାଚନ -ରାଜନୀତିରେ ଜାତିର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଏହା ଦେଶର ରାଜନୈତିକ ଧାରାର ପ୍ରତ୍ୟେକ ସ୍ତରରେ ଦେଖିବାକୁ ମିଳେ । ଏକ ନିର୍ବାଚନମଣ୍ଡଳୀରେ ଯେଉଁ ଜାତିର ପ୍ରଧାନ୍ୟ ରହିଛି କିମ୍ବା ଯେଉଁ ଜାତି ସଂଖ୍ୟାଗରିଷ୍ଠ ସେହି ଜାତିର ଜଣେ ବ୍ୟକ୍ତିକୁ ନିର୍ବାଚନ ଲଢ଼ିବା ପାଇଁ ରାଜନୈତି ଦଳ ଟିକଟ ପ୍ରଦାନ କରିଥାନ୍ତି । ମନ୍ତ୍ରୀମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଜାତିର ଲୋକମାନଙ୍କୁ ମନ୍ତ୍ରୀ ହେବାର ସୁବିଧା ପ୍ରାୟତଃ ମିଳିଥାଏ ।





ନିର୍ବାଚନ ହେଉ, ରାଜନୈତିକ ନିଯୁକ୍ତି ହେଉ ବା ରାଜନୈତିକ ଦଳର ଗଠନ ହେଉ, 'ଜାତି' ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛି ।

ନିର୍ବାଚନ ସ୍ତର ଏବଂ ଅଂଚଳ ନେଇ ଜାତିର ପ୍ରଭାବରେ ତାରତମ୍ୟ ପରିଲକ୍ଷିତ ହୋଇଥାଏ । ଜାତୀୟ ସ୍ତର ଅପେକ୍ଷା ସ୍ଥାନୀୟ ଓ ରାଜ୍ୟ ସ୍ତରରେ ଏହାର ପ୍ରଭାବ ଯଥେଷ୍ଟ ଅଧିକ । ଜାତି, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ବେଶୀ ପ୍ରଭାବ ବିସ୍ତାର କରିଥାଏ । ସ୍ଥାନୀୟ ସ୍ତରରେ ଓ ଗ୍ରାମାଞ୍ଚଳରେ ନିର୍ବାଚମଣ୍ଡଳୀ ଗୁଡ଼ିକର କ୍ଷୁଦ୍ରତା ଦୃଷ୍ଟିରୁ ଏବଂ ଲେକାମାନଙ୍କ ମଧ୍ୟରେ ସିଧାସଳଖ ଭାବରେ ଆଦାନପ୍ରଦାନ ହେତୁ ରାଜନୀତିରେ ଜାତିରଂ ପ୍ରଭାବ ଅଧିକ ଥାଏ ।

ସ୍ୱାଧୀନତା ପରେ ଦୁଇଟି ଉପାଦାନ ବିଶେଷ କରି ରାଜନୀତିରେ ଜାତି, ବିଷୟକୁ ଲୋକ ଲୋଚନକୁ ଆଣିଥିଲା । ସେଗୁଡ଼ିକ ହେଲା (୧) ସାର୍ବଜନୀନ ସାବଳାକ ଭୋଟ ପ୍ରଥାର ପ୍ରଚଳନ ଏବଂ (୨) ପଛୁଆବର୍ଗର ଲୋକମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସାମ୍ବିଧାନିକ ବ୍ୟବସ୍ଥା । ସାର୍ବଜନୀନ ସାବାଳକ ଭୋଟ ପ୍ରଥାଦ୍ୱାରା ସମ୍ପତ୍ତି ଯୋଗ୍ୟତା ଯୋଗୁ ବଂଚିତ ହୋଇଥିବା ଜନସମୁଦାୟର ଏକ ବଡ଼ ଅଂଶ ଧୀରେ ଧୀରେ ନିର୍ବାଚନ ରାଜନୀତିରେ ଅଂଶଗ୍ରହଣ କରିପାରିଲେ । ଏଥିଯୋଗୁଁ ରାଜନୈତିକ ଦଳଗୁଡ଼ିକ ଭୋଟ ପାଇଁ ଜନ ସମର୍ଥନ ହାସଲ ଦିଗରେ ବହୁ ଅସୁବଧାର ସମ୍ମୁଖୀନ ହେଲେ । କିନ୍ତୁ ଯେତେବେଳେ ରାଜନୈତିକ ଦଳଗୁଡ଼ିକ ଭୋଟ ପାଇଁ 'ଜାତି' ଉପରେ ନିର୍ଭର କଲେ, ସେତେବେଳେ ଏହି ଦୁସାଧ କାର୍ଯ୍ୟଟି ସହଜସାଧ ହୋଇ ପାରିଲା । ଏହି ପ୍ରକାରେ ଭାରତର ପ୍ରତ୍ୟେକ ନିର୍ବାଚନ ସହିତ 'ଜାତି'ର ରାଜନୀତି ସହିତ ସମ୍ପର୍କ ଘନୀଭୂତ ହେଲା ।

ନିର୍ବାଚନ ରାଜନୀତିର ପରିବର୍ଦ୍ଧିତ ପରିସର ସହିତ ସମ୍ବିଧାନର ସଂରକ୍ଷଣାତ୍ମକ ଧାରାଗୁଡ଼ିକ 'ଜାତି' ଗୁଡ଼ିକୁ ରାଜନୀତିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାରେ ସହାୟକ ହେଲା ।

ଏଠାରେ ଜାଣିବା ଦରକାର ଯେ ସାମ୍ବିଧାନିକ ସଂରକ୍ଷଣାତ୍ମକ ଧାରାଗୁଡ଼ିକ ତିନି ପ୍ରକାରର ଲୋକଙ୍କ ପାଇଁ ଉଦ୍ଦିଷ୍ଟ – ଅନୁସୂଚିତ ଜାତି, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପଛୁଆଶ୍ରେଣୀ । ଏ ସମସ୍ତ ପଛୁଆବର୍ଗ ହିସାବରେ ପରିଗଣିତ । ଏହି ତିନୋଟି ମଧ୍ୟରୁ ଅନୁସୂଚିତ ଜାତି ଓ ଅନୁସୂଚୀତ ଜନଜାତିକୁ ସହଜରେ ଚିହ୍ନଟ କରିହେବ । ଏମାନଙ୍କ ସଂରକ୍ଷଣର ଆବଶ୍ୟକତା ଉପରେ ସମସ୍ତେ ଅନ୍ତେ ବହୁତ ସମମତ । କିନ୍ତୁ ଅନ୍ୟାନ୍ୟ ପଛୁଆ ଶ୍ରେଣୀଙ୍କ କଥା ଭିନ୍ନ । ସ୍ୱାଧୀନତା ପରେ ଦୁଇପ୍ରକାରର ଜାତି ରାଜନୀତି ବାରି ହୋଇପଡ଼େ । ପ୍ରଥମଟି ହେଲା କିଛି 'ଜାତି', ରାଜ୍ୟସରାରଙ୍କ ଦ୍ୱାରା ଅନ୍ୟାନ୍ୟ ପଛୁଆ ଶ୍ରେଣୀ (OBC) ଭାବରେ ମାନ୍ୟତା ପାଇବା ପାଇଁ ଦାବି କରିଥାନ୍ତି । ପୁନଶ୍ଚ ଯେଉଁମାନେ ଏହି ମାନ୍ୟତା ପାଇଛନ୍ତି ସେମାନେ ସଂରକ୍ଷଣରେ ଅଧିକ ଅଂଶ ପାଇବା ପାଇଁ ଦାବି କରିଥାନ୍ତି । ବିଭିନ୍ନ ସମୟରେ ପଛୁଆ ଶ୍ରେଣୀ ପାଇଁ କମିଶନ ବସାଇବା ପାଇଁ ରାଜ ସରକାରଙ୍କର ନିଷ୍ପତ୍ତି ଜାତି-ରାଜନୀତିକୁ ଆଗକୁ ବଢ଼ାଇବା ପାଇଁ ସୁଯୋଗ ସୃଷ୍ଟି କରେ । ଦ୍ୱୀତୟ ପ୍ରକାର ଜାତି-ରାଜନୀତି ହେଲା 'ଅନ୍ୟାନ୍ୟ ପଛୁଆ ଶ୍ରେଣୀ' ପାଇଁ ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାର ସପକ୍ଷରେ ବା ବିଷୟରେ ସାମାଜିକ ଓ ରାଜନୈତିକ ଶକ୍ତିକୁ ଖଟାଇବା । ଜନସମୁଦାୟର ପ୍ରାୟତଃ ଅର୍ଦ୍ଧେକରୁ ଅଧିକ 'ଅନ୍ୟାନ୍ୟ ପଛୁଆ ଶ୍ରେଣୀ'ର ଅନ୍ତର୍ଭୁକ୍ତ । ଏଥିରୁ 'ଜାତି' ରାଜନୀତି ସହିତ ଯେ କେତେଦୂର ଜଡ଼ିତ ତାହା ଅନୁମାନ କରାଯାଇପାରେ । ପ୍ରଥମ ପ୍ରକାରର ଜାତି ରାଜନୀତି ରାଜ୍ୟ ସରକାରଙ୍କର ସଂରକ୍ଷଣ ନୀତିକୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରେ । ଏବଂ ଦ୍ୱିତୀୟ ପ୍ରକାରର ଜାତି-ରାଜନୀତି କେନ୍ଦ୍ର ସରକାରଙ୍କର ସଂରକ୍ଷଣ ନୀତିକୁ ପ୍ରତିରୋଧ କରିବା ପାଇଁ ଉଦ୍ଦିଷ୍ଟ ।

ଏଣୁ ସଂରକ୍ଷଣ ବିଷୟ 'ଜାତି'କୁ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରିବା ପାଇଁ ଉର୍ବର କ୍ଷେତ୍ର ଯୋଗଇ ଥାଏ ।

## ୨୨.୫ ସଂରକ୍ଷଣ ନୀତି

### ୨୨.୫.୧ ତର୍କାଧାର

ପଛୁଆ ଶ୍ରେଣୀର ପଛୁଆ ଅବସ୍ଥାକୁ ଦୃଷ୍ଟିରେ ରଖି ସମ୍ବିଧାନ ପ୍ରଣୟନକାରୀମାନେ ସେମାନଙ୍କର ଉନ୍ନତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରଖିଥିଲେ । ଏହି ବ୍ୟବସ୍ଥା ସଂରକ୍ଷଣାତ୍ମକ ଧାରା ଭାବରେ ରଖାଯାଇଥିଲା । ସଂରକ୍ଷଣ ନୀତି ଏହାର ଏକ ଉଦାହରଣ । ସଂରକ୍ଷଣ ନୀତି ଓ ତତ୍‌ସଂଲଗ୍ନ ସାମ୍ବିଧାନିକ ଧାରା ବିଷୟରେ ଜାଣିବା ପୂର୍ବରୁ ପଛୁଆ ଶ୍ରେଣୀ ସମ୍ପର୍କିତ ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ଜାଣିବା ଦରକାର ।

ନିର୍ଦ୍ଦେଶାତ୍ମକ ନୀତି ଅଧ୍ୟାୟର ଧାରା ୩୮ ଓ ୪୬ରେ କୁହାଯାଇଛି ଲୋକମାନଙ୍କର ଏବଂ ବିଶେଷ କରି ପଛୁଆଶ୍ରେଣୀର ଲୋକମାନଙ୍କର ମଙ୍ଗଳ ପାଇଁ ଚେଷ୍ଟା କରିବା ରାଷ୍ଟ୍ରର କର୍ତ୍ତବ୍ୟ ।

ଧାରା ୩୮ରେ ଉଲ୍ଲେଖ ରହିଛି : ୧) ରାଷ୍ଟ୍ର ଲୋକମାନଙ୍କର ମଙ୍ଗଳ ପାଇଁ ଏପରି ଏକ ସାମାଜିକ ବ୍ୟବସ୍ଥା ସୃଷ୍ଟି କରିବ ଯେଉଁଥିରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ଜାତୀୟ ଜୀନବନର ପ୍ରତ୍ୟେକ ଅନୁଷ୍ଠାନରେ ପ୍ରତିଫଳିତ ହେବ । (୨) ଲୋକମାନଙ୍କ ମଧ୍ୟରେ ତଥା ବିଭିନ୍ନ ଅଞ୍ଚଳ ଓ ବିଭିନ୍ନ ଜୀବିକାରେ ନିୟୋଜିତ ଥିବା ଲେକାମାନଙ୍କ ମଧ୍ୟରେ ଥିବା ରୋଜଗାରରେ ଅସମାନତାକୁ କମାଇବା ପାଇଁ ରାଷ୍ଟ୍ର ଚେଷ୍ଟା କରିବ । ସେମାନଙ୍କର ପଦମର୍ଯ୍ୟାଦା, ସୁଯୋଗ ଓ ସୁବିଧାରେ ଥିବା ଅସମାନତାକୁ ମଧ୍ୟ ଦୂର କରିବା ପାଇଁ ରାଷ୍ଟ୍ର ଯତ୍ନଶୀଳ ହେବ ।

ଧାରା ୪୬ରେ କୁହାଯାଇଛି — "ଦୁର୍ବଳ ଶ୍ରେଣୀ, ବିଶେଷ କରି ଅନୁସୂଚୀତ ଜାତି ଓ ଜନଜାତିର ଲୋକଙ୍କର ଶିକ୍ଷାଗତ ଓ ଅର୍ଥନୈତିକ ସ୍ୱାର୍ଥ ସାଧନ ପାଇଁ ରାଷ୍ଟ୍ର ବିଶେଷ ଭାବରେ ଯତ୍ନଶୀଳ ହେବ ଏବଂ ସେମାନଙ୍କୁ ପ୍ରତ୍ୟେକ ପ୍ରକାରର ଅନ୍ୟାୟ ଓ ଅତ୍ୟାଚାରରୁ ରକ୍ଷା କରିବ ।"

ସଂରକ୍ଷଣ ନୀତି ରକ୍ଷଣାତ୍ମକ (discrimination) ନୀତି ଉପରେ ଆଧାରିତ । ସମ୍ବିଧାନ ପ୍ରଣୟନକାରୀମାନେ ସୁରକ୍ଷା (Protective discrimination) ନୀତିରେ ବିଶ୍ୱାସ କରୁଥିଲେ । କାରଣ ସେମାନେ ଅନୁଭବ କରିଥିଲେ ଯେ କେବଳ ସମାନ ସୁବିଧା ସୁଯୋଗ ପ୍ରଦାନ କରିଦେଲେ ପଛୁଆବର୍ଗର ଲୋକମାନେ ସମାଜର ଅନ୍ୟବର୍ଗର ଲୋକମାନଙ୍କ ସମକକ୍ଷ ହୋଇପାରିବେ ନାହିଁ । ସମାନ ଅବସ୍ଥା ସୃଷ୍ଟି ନକରି ସମାନ ସୁଯୋଗ ଦେଇଦେଲେ ଏହା ସମାନତା ସୃଷ୍ଟି କରିବା ବଦଳରେ ଅସମାନତାକୁ ବଢ଼ାଇବ । ଏଠାରେ ଜଣେ ମନେରଖିବା ଦରକାର ଯେ (Protective discriminatin) ସୁରକ୍ଷା ବ୍ୟବସ୍ଥା ସମାନତା ଅଧିକାରକୁ ବିରୋଧ କରେ ନାହିଁ, ବରଂ ଏହାର ଏକ ଅଂଶ ବିଶେଷ ।

### ୨୨.୫.୨ ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ପାଇଁ ସଂରକ୍ଷର ବ୍ୟବସ୍ଥା

ସମ୍ବିଧାନରେ ତିନି ପ୍ରକାରର ପଛୁଆବର୍ଗ ବିଷୟରେ କୁହାଯାଇଛି । ଏହି ଉପବିଭାଗରେ ଆମେ ଅନୁସୂଚଚି ଜାତି ଓ ଅନୁସୂଚୀତ ଜନଜାତି ମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥା ସମ୍ପର୍କରେ ଜାଣିବା । ସମ୍ବିଧାନ ଏମାନଙ୍କ ପାଇଁ ତିନି ପ୍ରକାରର ସଂରକ୍ଷଣ ବ୍ୟବସ୍ଥା କରିଛି । ସେଗୁଡ଼ିକ ହେଲା ୧) ସରକାରୀ ଚାକିରୀ ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥାର ଚାକିରୀ କ୍ଷେତ୍ରରେ ସଂରକ୍ଷଣ, (୨) ଶିକ୍ଷାନୁଷ୍ଠାନମାନଙ୍କରେ ସଂରକ୍ଷଣ, (୩) ବ୍ୟବସ୍ଥାପକ ପ୍ରତିନିଧିତ୍ୱ କ୍ଷେତ୍ରରେ ସଂରକ୍ଷଣ । ଧାରା ୧୬ (କ), ୩୨୦ (୪), ଏବଂ ୩୩୩ ଅନୁସାରେ ସରକାରୀ ଚାକିରୀର ପ୍ରତ୍ୟେକ ସ୍ତରରେ ଅନୁସୂଚିତ ଜାତି ଓ ଅନୁସୂଚୀତ ଜନଜାତି ପାଇଁ ଯଥାକ୍ରମେ ଶତକଡା ୧୫ ଓ ଶତକଡ଼ା ୭ ଅଂଶ ସଂରକ୍ଷିତ ରହିବ । ଧାରା ୩୫ ଅନୁଯାୟୀ ଏହି ସଂରକ୍ଷଣ ବ୍ୟବସ୍ଥା ଯଥାସମ୍ଭବ ଶାସନର ଦକ୍ଷତା ରକ୍ଷାକୁ ଆଖି ଆଗରେ ରଖି କରାଯିବ ।




ଧାରା ୧୫ (୪) ରେ ଶିକ୍ଷାନୁଷ୍ଠାନମାନଙ୍କରେ ସ୍ଥାନ ସଂରକ୍ଷଣ ବିଷୟରେ କୁହାଯାଇଛି । ଏଥିରେ ଉଲ୍ଲେଖ ରହିଛି, "ଧାରା ୧୫ ବା ଧାରା ୨୯ର ଉପାଧାରା (୨), ରାଷ୍ଟ୍ରକୁ କୌଣସି ସାମାଜିକ ଏବଂ ଶିକ୍ଷାଗତ ଭାବେ ପଛୁଆ ଶ୍ରେଣୀର ନାଗରିକ କିମ୍ବା ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତିର ପ୍ରଗତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ କ୍ଷାନ୍ତ କରିପାରିବ ନାହିଁ ।" ଏଣୁ, କେନ୍ଦ୍ର ଓ ରାଜ୍ୟ ସରକାର ଲୋକମାନଙ୍କ ଅର୍ଥରୁ ପରିଚାଳିତ ସମସ୍ତ ଶିକ୍ଷାନୁଷ୍ଠାନରେ ଶତକଡା ୨୦ ଭାଗ ସ୍ଥାନ ଏମାନଙ୍କ ପାଇଁ ସଂରକ୍ଷିତ ରଖିଥାନ୍ତି । ଏତଦ୍ ଭିନ୍ନ, ଅନୁସୂଚୀତ ଜାତି ଓ ଜନଜାତିର ଲୋକଙ୍କୁ ଶିକ୍ଷାଗତ ସୁବିଧା ଯୋଗାଇ ଦେବା ପାଇଁ ନାମଲେଖା ପାଇଁ ଯୋଗ୍ୟତାକୁ କୋହଳ କରାଯାଇଥାଏ ।

ଧାରା ୩୩୦ ଓ ୩୩୨ ଅନୁଯାୟୀ ଲୋକସଭା ଓ ରାଜ୍ୟ ବ୍ୟବସ୍ଥାପିକାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି । ଲୋକସଭାରେ ଅନୁସୂଚୀତ ଜାତି ପାଇଁ ୭୮ ଓ ଅନୁସୂଚୀତ ଜନଜାତି ପାଇଁ ୩୮ଟି ସ୍ଥାନ ସଂରକ୍ଷିତ ଅଛି । ରାଜ୍ୟ ବିଧାନସଭାମାନଙ୍କରେ ଅନୁସୂଚୀତ ଜାତି ଓ ଜନଜାତି ପାଇଁ ଯଥାକ୍ରମେ ୫୪୦ ଓ ୨୮୨ଟି ସ୍ଥାନ ସଂରକ୍ଷିତ ଅଛି । ଏତଦ୍ ବ୍ୟତୀତ, ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କରେ ସ୍ଥାନ ସଂରକ୍ଷିତ ହୋଇଅଛି ।

## ୨୨.୫.୩ ଅନ୍ୟାନ୍ୟ ପଛୁଆବର୍ଗ (OBC) ପାଇଁ ସଂରକ୍ଷଣ ବ୍ୟବସ୍ଥା :

ଆମେ ଜାଣିଛେ ଯେ ଅନ୍ୟାନ୍ୟ ପଛୁଆବର୍ଗଙ୍କୁ ଚିହ୍ନିତ କରିବାର ଦାୟିତ୍ୱ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦିଆଯାଇଛି । ତାମିଲ୍‌ନାଡୁ, ଆନ୍ଧ୍ରପ୍ରଦେଶ, କେରଳ, ଗୁଜୁରାଟ, ବିହାର ପ୍ରଭୃତି ରାଜ୍ୟ, ଯେଉଁଠାରେ ପଛୁଆବର୍ଗର ଆନ୍ଦୋଳନ ତୀବ୍ର, ସେଠାରେ ଚାକିରୀର ସବୁ ସ୍ତରରେ ଓ ଶିକ୍ଷାନୁଷ୍ଠାନରେ ନାମ ଲଖାପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି ।

ଅନ୍ୟାନ୍ୟ ପଛୁଆବର୍ଗର ଲୋକମାନଙ୍କ ପାଇଁ କେନ୍ଦ୍ର ସରକାରୀ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ନୀତି ଲାଗୁ କରିବାରେ କେନ୍ଦ୍ର ସରକାର ଦୀର୍ଘ ସମୟ ନେଇଥିଲେ । ଧାରା ୩୪୦ ଅନୁଯାୟୀ, ୧୯୫୩ ମସିହାରେ କେନ୍ଦ୍ର ସରକାର କାଲେଲ୍‌କର ଆୟାଗ (Kalelkar Commission) ଗଠନ କରିଥିଲେ । ଏହା ୧୯୫୬ ମସିହରେ ଏହାର ରିପୋର୍ଟ ପ୍ରଦାନ କରିଥିଲା, କିନ୍ତୁ ଏହାର ପ୍ରସ୍ତାବକୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିନଥିଲେ । ଏହି ଧାରା ୩୪୦ ଅନୁଯାୟୀ ଜନତା ସରକାର ୧୯୭୮ ମସିହାରେ ଦ୍ୱିତୀୟ ଆୟୋଗ ଗଠନ କରିନଥିଲେ । ଏହାର ନାମ ଥିଲା ମଣ୍ଡଳ କମିଶନ ଏବଂ ଏହା ଏହାର ରପୋର୍ଟ ୧୯୮୨ ମସିହାରେ ପ୍ରଦାନ କରିଥିଲା । ଏହା ୩୯୪୩ଟି ଜାତିକୁ ପଛୁଆବର୍ଗ (OBC) ହିସାବରେ ଚିହ୍ନଟ କରିଥିଲା ଏବଂ ସରକାରୀ ଓ ଅର୍ଦ୍ଧସରକାରୀ ଚାକିରୀ କ୍ଷେତ୍ରରେ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ନାମଲେଖା କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେଇଥିଲା ।

୧୯୯୦ ମସିହା ଅଗଷ୍ଟ ୧୩ ତାରିଖରେ କେନ୍ଦ୍ରର ବିଶ୍ୱନାଥ ପ୍ରତାପ ସିଂ ସରକାର ମଣ୍ଡଳ କମିଶନ ପ୍ରସ୍ତବକୁ କାର୍ଯ୍ୟକାରୀ କରି ପଛୁଆବର୍ଗର ଲୋକମାନଙ୍କୁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । ଏହାପରେ ପରେ ଏହା ବରୁଦ୍ଧରେ ସବୁଆଡ଼େ ସ୍ୱର ଉତ୍ତୋଳନ ହୋଇଥିଲା । ଅନେକ ଉଚ୍ଚନ୍ୟାୟାଳୟ ଓ ଉଚ୍ଚତମ ନ୍ୟାୟାଳୟରେ ଏହାର ବୈଧତାକୁ ନେଇ ମକଦ୍ଦମା ଆରମ୍ଭ ହୋଇଥିଲା । ଉଚ୍ଚତମ ନ୍ୟାୟାଳୟ ୧୯୯୨ ମସିହା ନଭେମ୍ବର ମାସରେ ଏହି ବିଷୟଟିକୁ ସମୀକ୍ଷା କରିଥିଲେ ଏବଂ ପଛୁଆ ବର୍ଗର 'ସର୍ବୋତ୍କୃଷ୍ଟ ସ୍ତର (Creamy Layer) କୁ ଛାଡ଼ି ଅନ୍ୟମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁମତି ପ୍ରଦାନ କରିଥିଲେ । ଏହି ସର୍ବୋତ୍କୃଷ୍ଟ ସ୍ତର (Creamy Layer) କୁ ଚିହ୍ନଟ କରିବା ପାଇଁ କେନ୍ଦ୍ର ସରକାଙ୍କ ଦ୍ୱାରା ରାମାନନ୍ଦ ପ୍ରସାଦ କମିଟି ଗଠିତ ହୋଇଥିଲା । ଏହାର କାମ

ସରିବା ପରେ, ସରକାର ୧୯୯୦ ମସିହା ଅଗଷ୍ଟ ୧୩ ତାରିଖର ଆଦେଶ ୧୯୯୩ ମସିହା ସେପ୍ଟେମ୍ବର ମାସରେ କାର୍ଯ୍ୟକାରୀ କରିଥିଲେ ।

ଏଥିରୁ ସ୍ପଷ୍ଟ ଯେ, ଅନ୍ୟାନ୍ୟ ପଛୁଆବର୍ଗ (OBC) କୁ ସଂରକ୍ଷଣର ସୁବିଧା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରକୁ ପ୍ରାୟ ଚାଳିଶ ବର୍ଷ ଲାଗିଥିଲା । ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ଶ୍ରେଣୀକୁ ଚିହ୍ନିତ କରିବା ପାଇଁ 'ଜାତି'କୁ ଏକ ଭିତ୍ତି ଭାବେ ଗ୍ରହଣ କରିବାପାଇଁ ଯଥେଷ୍ଟ ସମୟ ଲଗିଥିଲା । ଆମେ ଆଉ ମଧ୍ୟ ଜାଣିବା ଦରକାର ଯେ ପଛୁଆବର୍ଗ ସଂରକ୍ଷଣ ସୁବିଧା କେବଳ ସରକାରୀ ଚାକିରୀ କ୍ଷେତ୍ରରେ ପାଇଲେ । କିନ୍ତୁ ଲୋକସଭା ଓ ରାଜ୍ୟ ବ୍ୟବସ୍ଥାପିକାରେ ଅନୁସୂଚିତ ଜାତି ଓ ଜନଜାତିର ଲୋକମାନେ ସ୍ଥାନ ସଂରକ୍ଷଣର ସୁବିଧା ପାଇଥିବା ବେଳେ, ଅନ୍ୟାନ୍ୟ ପଛୁଆ ଶ୍ରେଣୀ (OBC) କୁ ଏହି ସୁବିଧା ଦିଆଯାଇ ନାହିଁ ।

## ୨୨.୫.୪ ମହିଳା ମାନଙ୍କ ପାଇଁ ସଂରକ୍ଷଣର ଗୁରୁତ୍ୱ

ଭାରତର ସମୁଦାୟ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ସ୍ଥାନ ମହିଳାମାନେ ନେଇଛନ୍ତି । ନିରକ୍ଷରତା, ଦାରିଦ୍ର୍ୟ ଓ ପଛୁଆ ସାମାଜିକ ମୂଲ୍ୟବୋଧ ଯୋଗୁ ଭାରତର ନାରୀମାନଙ୍କର ଅବସ୍ଥା ବଡ଼ ଶୋଚନୀୟ । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖିବ ଗୃହଜଂଜାଳରୁ ମୁକ୍ତ କରିବା ପାଇଁ ମହିଳାମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ ହେଲା । ଭାରତର ଗଣତନ୍ତ୍ରର ପ୍ରତିନିଧିତ୍ୱ ବ୍ୟବସ୍ଥାର ପ୍ରତ୍ୟେକ ସ୍ତରରେ ଏବଂ ରାଷ୍ଟ୍ରର ଶାସନ ସେବା କ୍ଷେତ୍ରରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଏକ ତର୍କ ଆରମ୍ଭ ହୋଇଯାଇଅଛି । ପଞ୍ଚାୟତ ରାଜ ବ୍ୟବସ୍ଥାର ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ମହିଳା ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି । ମହିଳା ପ୍ରାର୍ଥୀମାନଙ୍କୁ ରାଜ୍ୟ ବ୍ୟବସ୍ଥାପକ ସଭା ଓ ସଂସଦୀୟ ନିର୍ବାଚନ ମାନଙ୍କରେ ଅତିକମ୍‌ରେ ୩୦ ପ୍ରତିଶତ ଟିକେଟ ଦେବାନେଇ ଅନେକ ରାଜନୈତିକ ଦଳ ତର୍କ ଆରମ୍ଭ କରିଛନ୍ତି । କିନ୍ତୁ ମହିଳା ସଂରକ୍ଷଣ ବିଲ୍ ଏ ପର୍ଯ୍ୟନ୍ତ ପାର୍ଲାମେଣ୍ଟ (ସଂସଦ)ର ଅନୁମୋଦନ ଲାଭ କରିନାହିଁ ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୨୨.୩

୧। ସମ୍ବିଧାନ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ ______ ଓ ______ ପ୍ରତିଶତ ଚାକିରୀ ବ୍ୟବସ୍ଥା କରିଛି ।

୨। ସମ୍ବିଧାନ ଅନ୍ୟାନ୍ୟ ପଛୁଆ ଶ୍ରେଣୀକୁ ଚିହ୍ନଟ କରିନାହିଁ ।

(ଠିକ୍ / ଭୁଲ)

୩। ନିମ୍ନୋକ୍ତ କେଉଁଟି ଅନ୍ୟାନ୍ୟ ପଛୁଆବର୍ଗ ପାଇଁ ସଂରକ୍ଷଣ ବ୍ୟବସ୍ଥାର ପ୍ରସ୍ତାବ ଦେଇଥିଲା ।

(କ) ସରକାରିଆ କମିଶନ

(ଖ) ମଣ୍ଡଳ କମିଶନ

(ଗ) ରାମାନନ୍ଦ ପ୍ରସାଦ କମିଟି

୪। ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ______ ଅନ୍ୟାନ୍ୟ ପଛୁଆ ବର୍ଗ ସଂରକ୍ଷଣ ସୁବିଧା ପାଇଁ ଯୋଗ୍ୟ ନୁହେଁ ।

## ତୁମେ କ'ଣ ଶିଖିଲ ?

ସାମ୍ପ୍ରଦାୟିକତାବାଦ ହିନ୍ଦୁ ଓ ମୁସଲମାନମାନଙ୍କୁ ଧାର୍ମିକ ଦୃଷ୍ଟିକୋଣରୁ ବିଭାଜିତ କରିଥିଲା । ଏବଂ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ କରିଥିଲା । ବ୍ରିଟିଶ ଔପନିବେଶକ ଶାସନ ଏବଂ ସ୍ୱାର୍ଥ କୈନ୍ଦ୍ରିକ ରାଜନୈତିକ ଶ୍ରେଣୀ ଧାର୍ମିକ ଚରମବାଦକୁ ପ୍ରୋତ୍ସାହିତ କରିଥିଲେ । ବାସ୍ତବିକ କ୍ଷେତ୍ରରେ ସାମ୍ପ୍ରଦାୟିକ ହିଂସା ଫଳରେ ଦେଶର ସ୍ୱାଭାବିକ ଜୀବନଯାତ୍ରା କ୍ଷତିଗ୍ରସ୍ତ ହୋଇଥିଲା । ଏହା ସହିତ ଅପରାଧୀ ଗୋଷ୍ଠୀ ଏଥିରେ ସାମିଲ ହୋଇଥିଲେ । ଉଭୟ ସଂଖ୍ୟାଲଘୁ ସାମ୍ପ୍ରଦାୟିକବାଦ ଓ ସଂଖ୍ୟାଗରିଷ୍ଠ ସାମ୍ପ୍ରଦାୟିକତାବାଦ ସୁସ୍ଥ ଗଣତନ୍ତ୍ର ଓ ଆର୍ଥିକ ପ୍ରଗତି ପାଇଁ କ୍ଷତିକାରକ ।

ପଛୁଆ ବର୍ଗର ଇତିହାସ – ବର୍ଦ୍ଧିଷ୍ଣୁ ପଛୁଆ ଭାବ ଓ ସେମାନଙ୍କୁ ସମାଜର ଅନ୍ୟାନ୍ୟ ବର୍ଗ ଲୋକମାନଙ୍କ ସହିତ ସମକକ୍ଷ କରିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ସମ୍ବିଧାନ ସେମାନଙ୍କୁ ସୁରକ୍ଷା ଦେବାର (Protective Discrimination) ର ବ୍ୟବସ୍ଥା କରିଥିଲା । ଏହି ରକ୍ଷଣାତ୍ମକ ବ୍ୟବସ୍ଥା ସମାନତା ଅଧିକାର ପରିପନ୍ଥୀ ନୁହେଁ, ବରଂ ଏହାର ଏକ ଅବିଚ୍ଛେଦ ଅଂଶ । ଭାରତର ସାଧାରଣତନ୍ତ୍ର ପ୍ରତିଷ୍ଠା ଦିନରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ସଂରକ୍ଷଣର ସୁବିଧା ପାଉଥିବା ସ୍ଥଳେ, ଅନ୍ୟାନ୍ୟ ପଛୁଆ ବର୍ଗ (OBC) କେନ୍ଦ୍ର ସେବାରେ ସଂରକ୍ଷଣ ସୁବିଧା ବହୁତ ପଛରେ ୧୯୯୩ ମସିହାରେ ପାଇଲେ । ବ୍ୟବସ୍ଥାପିକାର ପ୍ରତିନିଧିତ୍ୱ କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗକୁ କୌଣସି ସଂରକ୍ଷଣ ସୁବିଧା ଦିଆଯାଇନାହିଁ ।

## ପାଠ୍ୟାନ୍ତ ଅଭ୍ୟାସ

୧। 'ସାମ୍ପ୍ରଦାୟିକତାବାଦ' ଅର୍ଥ କଣ ?

୨। ଭାରତୀୟ ସମାଜରେ 'ଜାତି'ର ଭୂମିକା ସଂପର୍କରେ ସଂକ୍ଷେପରେ ଲେଖ ।

୩। ଭାରତର 'ସଂରକ୍ଷଣ ନୀତି' ବିଷୟରେ ଆଲୋଚନା କର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୨୨.୧**

୧। (କ)

୨। ଅସହିଷ୍ଣୁତା ଓ ଚରମବାଦ


୩। ଅପରାଧୀ

୪। ଭୁଲ୍

**୨୨.୨**

୧। ଜାତି

୨। ଶ୍ରେଣୀବଦ୍ଧ ଭାବରେ



Notes

୩। ବର୍ଣ୍ଣ - ବ୍ୟବସ୍ଥା, ସାମାଜିକ

୪। ଉନ୍ମୁକ୍ତ, ଜାତି

**୨୨.୩**

୧। ୧୫ ଓ ୭.୫

୨। ଠିକ୍

୩। ମଣ୍ଡଳ କମିଶନ

୪। ସର୍ବୋତ୍କୃଷ୍ଟ ସ୍ତର

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

୧। ବିଭାଗ ୨୨.୧ କୁ ଦେଖ

୨। ବିଭାଗ ୨୨.୩ କୁ ଦେଖ

୩। ବିଭାଗ ୨୨.୫କୁ ଦେଖ ।